**REGIONAL NEWS UNIT, AIR CUTTACK**

**Morning Bulletin (7.05 AM)**

**19 July– 2026**

# ଶ୍ରୀଜୀଉଙ୍କ ଆଡପମଣ୍ଡପ ବିଜେ

ଶ୍ରୀକ୍ଷେତ୍ରରେ ଆଡପମଣ୍ଡପ ଜନ୍ମବେଦୀରେ ଚତୁର୍ଦ୍ଧାମୂର୍ତ୍ତି ବିରାଜମାନ ହୋଇଛନ୍ତି । ଶ୍ରୀଜୀଉମାନଙ୍କର ଦର୍ଶନ ଆଜି ସକାଳ ୧୦ଟାରୁ ଆରମ୍ଭ ହେବ । ନୀତିକାନ୍ତିକୁ ଶୃଙ୍ଖଳିତ କରାଯାଇ ଆଡପ ଅଭଡା ଆଜିଠାରୁ ଆରମ୍ଭ ହେବ । ମହାପ୍ରଭୁଙ୍କ ଶ୍ରୀମୁଖ ଶୃଙ୍ଗାର ବନକଲାଗି ନୀତି ଅନୁଷ୍ଠିତ ହେବ । ନବଦିନାତ୍ମକ ଯାତ୍ରାରେ ଯାଇ ଗତକାଲି ଶ୍ରୀଜୀଉମାନେ ଜନ୍ମବେଦୀକୁ ବିଜେ କରିଥିଲେ । ଆଜିଠାରୁ ଆଡପମଣ୍ଡପରେ ମହାପ୍ରଭୁଙ୍କ ଦୈନନ୍ଦିନ ସେବା ପୂଜା କରାଯିବ । ଶ୍ରୀଜଗନ୍ନାଥ ମନ୍ଦିର ପରି ଏଠାରେ ମଧ୍ୟ ମଙ୍ଗଳ ଆଳତୀ, ମଇଲମ, ତପଡଲାଗି, ଅବକାଶ, ବେଶ, ଗୋପାଳବଲ୍ଲଭ ପୂଜା, ସକାଳ ଧୂପ, ଭୋଗମଣ୍ଡପ, ମହାସ୍ନାନ, ବଡସିଂହାର ବେଶ ରାତ୍ରପହୁଡ ଇତ୍ୟାଦି କରାଯିବ । ଠାକୁରମାନଙ୍କର ଏହି ମାନବୀୟ ଲୀଳା ଦେଖିବା ପାଇଁ ଭକ୍ତ ଓ ଶ୍ରଦ୍ଧାଳୁମାନେ ଆନନ୍ଦ ବିଭୋର ହୋଇଛନ୍ତି ।

# ରଥଯାତ୍ରା-କ୍ରାଇମବ୍ରାଞ୍ଚ

ରଥଯାତ୍ରା ସମୟରେ ସାଇବର ଠକେଇ ଠାରୁ ଭକ୍ତଙ୍କୁ ରକ୍ଷା କରିବା ପାଇଁ ଓଡିଶା କ୍ରାଇମବ୍ରାଞ୍ଚ ପକ୍ଷରୁ ୧୨୧ଟି ନକଲି ୱେବସାଇଟ୍‌କୁ ନିଷିଦ୍ଧ କରାଯାଇଛି । ଜୁନ ମାସ ୧ତାରିଖଠାରୁ ଚଳିତମାସ ୧୮ତାରିଖ ମଧ୍ୟରେ

ସାଇବର କ୍ରାଇମ ବିଭାଗ ପକ୍ଷରୁ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁଙ୍କୁ ସାଇବର ଠକେଇରୁ ରକ୍ଷା କରିବା ପାଇଁ ଏହି ପଦକ୍ଷେପ ନିଆଯାଇଛି । ଏହା ସହିତ ସାଇବର ଠକେଇର ବ୍ୟବହୃତ ୮୯୩ଟି ମୋବାଇଲ ନମ୍ବର ଏବଂ ୭୯୩ଟି ଆଇ.ଇ.ଏମ୍.ଆଇ ନମ୍ବରକୁ ନିଷିଦ୍ଧ କରାଯାଇଛି ବୋଲି କ୍ରାଇମବ୍ରାଞ୍ଚ ତରଫରୁ କୁହାଯାଇଛି ।

## ଅଳଙ୍କାର ଗଣତିମଣତି

ପୂର୍ବ ନିର୍ଦ୍ଧାରିତ ସମୟନୁସାରେ ସରକାରଙ୍କର ମାର୍ଗଦର୍ଶିକା ଅନୁସାରେ ପୁରୀ ଶ୍ରୀମନ୍ଦିର ଶ୍ରୀଜୀଉଙ୍କ ରତ୍ନ ଅଳଙ୍କାର ଗଣତିମଣତି ଆଜିଠାରୁ ପୁଣି ଥରେ ଆରମ୍ଭ ହେବ । ଶ୍ରୀବିଗ୍ରହଙ୍କର ଶ୍ରୀଅଙ୍ଗରେ ବ୍ୟବହୃତ ଏବଂ ସ୍ନାନ ପୂର୍ଣ୍ଣିମା ଅବସରରେ ଓଲାଗି ହୋଇଥିବା ଅଳଙ୍କାର ଗୁଡିକର ଗଣତିମଣତି ଆଜି କରାଯିବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ କୁହାଯାଇଛି । ମହାପଭୁଙ୍କ ନୀତି ବହୁଳତା କାରଣକୁ ଗତ ମଇ ମାସ ୨୩ତାରିଖ ଅଳଙ୍କାରଗୁଡିକର ଗଣତିମଣତି ବନ୍ଦ ରହିଛି ।

## ଆଡପ ମଣ୍ଡପ

ତୁଳସୀ କେନ୍ଦ୍ରାପଡାର ଆରାଧ୍ୟଦେବତା ଶ୍ରୀ ବଳଦେବଜୀଉଙ୍କ ସମେତ ଚତୁର୍ଦ୍ଧାମୂର୍ତ୍ତିଙ୍କ ଆଡପମଣ୍ଡପ ବିଜେ କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଛି । ମହାଜନ ପାଣିଗ୍ରାହୀ ସେବାୟତମାନେ ଶ୍ରୀଜୀଉଙ୍କୁ ଧାଡି ପହଣ୍ଡିରେ ଆଣି ଆଡପମଣ୍ଡପ ବିଜେ ନୀତିକାନ୍ତି ସହ ବଡସିଂହାର ବେଶରେ ସଜ୍ଜିତ କରିଥିଲେ । ଶ୍ରଦ୍ଧାଳୁମାନେ ଆଜିଠାରୁ ଶ୍ରୀଜୀଙ୍କର ଆଡପ ଅଭଡା ପାଇପାରିବେ ।

## ଚଳଚ୍ଚିତ୍ର ପୁରସ୍କାର

କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ପକ୍ଷରୁ ୨୦୨୪ ବର୍ଷ ପାଇଁ ୭୨ତମ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ଘୋଷଣା କରାଯାଇଛି । ଅମର୍ତ୍ତ୍ୟ ଭଟ୍ଟାଚାର୍ଯ୍ୟ ନିର୍ଦ୍ଦେଶିତ 'ଲହରୀ' ଶ୍ରେଷ୍ଠ ଓଡ଼ିଆ ଚଳଚ୍ଚିତ୍ର ଭାବେ ମନୋନୀତ ହୋଇଛି । ମୋସନ ପିକ୍‌ଚର୍ସ ପକ୍ଷରୁ ନିର୍ମିତ ଏହି ଚଳଚ୍ଚିତ୍ରରେ ଓଡିଶା ମାଟିର ସଂସ୍କୃତି, ପରମ୍ପରା ଓ ପର୍ଯ୍ୟଟନ ବିକାଶର ଚିତ୍ର ଦେଖିବାକୁ ମିଳିଛି ।

## ମୁଖ୍ୟମନ୍ତ୍ରୀ–ଆଲୋଚନା

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗତକାଲି ସନ୍ଧ୍ୟାରେ କେନ୍ଦୁଝର ଜିଲ୍ଲାର ପ୍ରାୟ ୫୦ଜଣ ବାକ୍ ଶ୍ରବଣ ଶକ୍ତିବାଧିତ ବାଳିକା ଓ ଶାରୀରିକ ଦିବ୍ୟାଙ୍ଗମାନଙ୍କୁ ସାକ୍ଷାତ କରି ସେମାନଙ୍କର ବିଭିନ୍ନ ସମସ୍ୟା ନେଇ ଆଲୋଚନା କରିଛନ୍ତି । ଦିବ୍ୟାଙ୍ଗ ବାଳିକାମାନଙ୍କୁ ଆତ୍ମନିର୍ଭର କରିବା ପାଇଁ ସରକାରଙ୍କ ପକ୍ଷରୁ ନିଆଯାଉଥିବା ବିଭିନ୍ନ ପଦକ୍ଷେପଗୁଡିକ ମାଧ୍ୟମରେ ସେଠାରେ ଉପସ୍ଥିତ ଥିବା ବିଭାଗୀୟ ଅଧିକାରୀମାନେ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଇଥିଲେ ।

## ଏଲଏଲବି ପାଠ୍ୟକ୍ରମ

ତିନିବର୍ଷିଆ ଆଇନ ପାଠ୍ୟକ୍ରମ ଏଲଏଲବିରେ ନାମ ଲେଖାଇବା ପାଇଁ ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି । ଛାତ୍ରଛାତ୍ରୀମାନେ ସାମ୍‌ସ ପୋର୍ଟାଲରେ ଚଳିତମାସ ୩୦ତାରିଖ ରାତ୍ର ୧୧ଟା ୪୫ମିନିଟ୍ ସମୟ ପର୍ଯ୍ୟନ୍ତ ଆବେଦନ କରିପାରିବେ । ଅଗଷ୍ଟମାସ ୬ତାରିଖରେ ପ୍ରଥମ ମେଧା ତାଲିକା ପ୍ରକାଶ ପାଇବ ।

# ପାଣିପାଗ

ଭାରତୀୟ ପାଣିପାଗ ବିଭାଗର ସୂଚନା ଅନୁସାରେ ଆସନ୍ତା ସପ୍ତାହ ୨୪ତାରିଖ ବେଳକୁ ରାଜ୍ୟର ଉତ୍ତରଭାଗ ଏବଂ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ପୁଣି ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବାର ସମ୍ଭାବନା ରହିଛି । ସୂଚନା ଅନୁସାରେ ଉପକୂଳ ଓ ଆଭ୍ୟନ୍ତରୀଣ ଜିଲ୍ଲାଗୁଡିକରେ ମଧ୍ୟମରୁ ପ୍ରବଳ ବର୍ଷା ହୋଇପାରେ । ଅନ୍ୟପକ୍ଷରେ ଲଘୁଚାପର ପ୍ରଭାବରେ ପୁରୀଠାରେ ଗତ ଚାରିଦିନ ମଧ୍ୟରେ ୩୪୫ଦଶମିକ ୮ମିଲିମିଟର ବର୍ଷା ରେକର୍ଡ କରାଯାଇଛି । ଗତ ୩୬ଘଣ୍ଟା ମଧ୍ୟରେ ପୁରୀ ଜିଲ୍ଲାର ସତ୍ୟବାଦୀରେ ସର୍ବାଧିକ ୧୦୫ମିଲିମିଟର ଏବଂ ଗୋପଠାରେ ୯୬ମିଲିମିଟର ବର୍ଷା ରେକର୍ଡ କରାଯାଇଥିଲା ।ଜଗତସିଂହପୁରର ବାଲିକୁଦାଠାରେ ୯୮ଦଶମିକ ୪ ଏବଂ କେନ୍ଦ୍ରାପଡାରେ ୯୨ମିଲିମିଟର ବର୍ଷା ହୋଇଥିବା ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି । ସୂଚନା ଅନୁସାରେ ଆଜି ସୁନ୍ଦରଗଡ, ଝାରସୁଗୁଡା, ବରଗଡ, ସମ୍ବଲପୁର, କେନ୍ଦୁଝର, ମୟୂରଭଞ୍ଜ ଏବଂ ନୂଆପଡା ଜିଲ୍ଲାରେ ଆଜି ପ୍ରବଳ ବର୍ଷାର ଅନୁମାନ କରାଯାଇଛି ।